## ଆସନ୍ତୁ ନିମ୍ନର ଶାସ୍ତ୍ରାଂଶ ସହିତ ଶେଷ କରିବା:

"କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ର[ଯୀଶୁ ଖ୍ରୀଷ୍ଟ]ଙ୍କୁ ଦାନ କଲେ, ଯେପରି ଯେକେହି ତାହା[ଯୀଶୁ ଖ୍ରୀଷ୍ଟ]ଙ୍କଠାରେ ବିଶ୍ୱାସ କରେ; ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଜଗତକୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ । ଯେ ତାହା[ଯୀଶୁ ଖ୍ରୀଷ୍ଟ]ଙ୍କଠାରେ ବିଶ୍ୱାସ କରେ, ସେ ବିଚାରିତ ହୁଏ ନାହିଁ; ଯେ ବିଶ୍ୱାସ କରେ ନାହିଁ, ସେ ବିଚାରିତ ହୋଇ ସାରିଲାଣି, କାରଣ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ନାମରେ ବିଶ୍ୱାସ କରି ନାହିଁ ।"[4]

"...ଯେପରି ମନୁଷ୍ୟପୁତ୍ର[ଯୀଶୁ ଖ୍ରୀଷ୍ଟ] ମଧ୍ୟ ସେବା ପାଇବାକୁ ଆସି ନାହାଁନ୍ତି, ମାତ୍ର ସେବା କରିବାକୁ ଓ ଅନେକଙ୍କ ପାଇଁ ମୁକ୍ତିର ମୂଲ୍ୟ [ମୂଲ୍ୟ ଦେଇ କିଣି ଅଛନ୍ତି] ସ୍ୱରୂପେ ତାହାଙ୍କ [ଖ୍ରୀଷ୍ଟଙ୍କ] ପ୍ରାଣ ଦେବାକୁ ଆସିଅଛନ୍ତି ।"[5]

"...ମାତ୍ର ଯେତେ ଲୋକ ତାହା[ଯୀଶୁ ଖ୍ରୀଷ୍ଟ]ଙ୍କୁ ଗ୍ରହଣ କଲେ, ଅର୍ଥାତ୍, ଯେଉଁମାନେ ତାହା[ଯୀଶୁ ଖ୍ରୀଷ୍ଟ]ଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ [ଈଶ୍ୱର] ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ ।"[6]



ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଶାସ୍ତ୍ର କ'ଣ କହେ?

## ସେସବୁ କୁହେ

- ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ର (ଯୀଶୁ ଖ୍ରୀଷ୍ଟ)ଙ୍କୁ ଦାନ କଲେ
- ଯଦି ଆମେ ଈଶ୍ୱରଙ୍କ ପୁତ୍ରଙ୍କ ଉପରେ ବିଶ୍ୱାସ କରୁ ତେବେ ଆମେ ବିନଷ୍ଟ ହେବା ନାହିଁ (ଈଶ୍ୱରଙ୍କ କ୍ରୋଧର ସମ୍ମୁଖୀନ ହେବା ନାହିଁ) କିନ୍ତୁ ଅନନ୍ତଜୀବନ ପ୍ରାପ୍ତ କରିବା
- ଈଶ୍ୱର ଜଗତକୁ ବିଚାର କରିବା ନିମନ୍ତେ ଯୀଶୁଙ୍କୁ ପଠାଇଲେ ନାହିଁ କିନ୍ତୁ ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହେବ, ସେଥିନିମନ୍ତେ ପଠାଇଲେ
- ଯଦି ଆମେ ଯୀଶୁଙ୍କଠାରେ ବିଶ୍ୱାସ କରୁ, ତେବେ ଆମ୍ଭେମାନେ ବିଚାରିତ ହେବୁ ନାହିଁ
- ଖ୍ରୀଷ୍ଟ ଆମ ପାପ ନିମନ୍ତେ ମୁକ୍ତିର ମୂଲ୍ୟ ଭାବରେ ତାଙ୍କ ଜୀବନ ଦେଇଛନ୍ତି; ଅନ୍ୟ ଶବ୍ଦରେ କହିବାକୁ ଗଲେ, ଖ୍ରୀଷ୍ଟ ଆମକୁ ମୂଲ୍ୟ ଦେଇ କିଣିଛନ୍ତି
- ପରିଶେଷରେ, ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ, ଆମେ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଏବଂ ବିଶ୍ୱାସ କରିବା ଦରକାର

| | |
|---|---|
| 1. ରୋମୀୟ 5:6-10 | 4. ଯୋହନ 3:16- 18 |
| 2. ରୋମୀୟ 3:23 | 5. ମାଥିଉ 20:28 |
| 3. 1 କରନ୍ଥୀୟ 15:1-4 | 6. ଯୋହନ 1:12 |

*(ବ୍ୟକ୍ତିଗତ ବଣ୍ଟନ ନିମନ୍ତେ କେବଳ)*

ଅଧିକ ଯୋଗାଯୋଗ ଜାଣିବା ନିମନ୍ତେ;
Whoisjesus008@gmail.com

Oriya



# ଯୀଶୁ କିଏ?

# ଯୀଶୁ କିଏ?

କେତେ ଜଣ କୁହନ୍ତି ଯେ ଯୀଶୁ ଖ୍ରୀଷ୍ଟ ଜଣେ ଉତ୍ତମ ଶିକ୍ଷକ ଥିଲେ, ଜଣେ ଭଲ ମଣିଷ, ଜଣେ ଶକ୍ତିଶାଳୀ ଭବିଷ୍ୟଦ୍‌ବକ୍ତା; ଆଉ କେତେକ କୁହନ୍ତି ଯେ ସେ ଈଶ୍ୱରଙ୍କ ପୁତ୍ର ଥିଲେ - ମନୁଷ୍ୟ ଶରୀରଧାରୀ ଈଶ୍ୱର ଥିଲେ ।

ଆପଣ କ'ଣ ଭାବୁଛନ୍ତି?

ଯୀଶୁଙ୍କ ଜୀବନର ଉଦ୍ଦେଶ୍ୟ କ'ଣ ଥିଲା?

ଏହା ଜାଣିବା ମୋ' ଜୀବନ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାପାଇଁ ଆମ୍ଭେମାନେ କିଛି ଶାସ୍ତ୍ରାଂଶକୁ ପରୀକ୍ଷା କରିବା ଦରକାର । ତାହା କଲେ ଆମ୍ଭେମାନେ ନିଜେ ଜାଣି ପାରିବା ଯେ ବାଇବଲ ଏସବୁ ବିଷୟରେ କ'ଣ କହେ । ଆସନ୍ତୁ ଆମ୍ଭେମାନେ ପଢ଼ିବାକୁ ଆରମ୍ଭ କରିବା:

"କାରଣ ଯେତେବେଳେ ଆମ୍ଭେମାନେ ନିରୁପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ । ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁଭୋଗ କରିବ ନାହିଁ, ଉତ୍ତମ ଲୋକ ନିମନ୍ତେ ଅବା କେହି ପ୍ରାଣ ଦେବାକୁ ସାହସ କରି ପାରେ । କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି । ଅତଏବ, ଏହା ଆହୁରି ସୁନିଶ୍ଚିତ ଯେ, ଆମ୍ଭେମାନେ ଏବେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହେବାରୁ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ କ୍ରୋଧରୁ ରକ୍ଷା ପାଇବା । କାରଣ ଆମ୍ଭେମାନେ ଶତ୍ରୁ ଥିବା ସମୟରେ ଯଦି ଈଶ୍ୱରଙ୍କ ସହିତ ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ମିଳିତ ହେଲୁ, ତାହାହେଲେ ଏହା ଅଧିକ ସୁନିଶ୍ଚିତ ଯେ, ଆମ୍ଭେମାନେ ମିଳିତ ହୋଇ ତାହାଙ୍କ ଜୀବନ ଦ୍ୱାରା ପରିତ୍ରାଣ ପାଇବା ।"[1]

"....ସମସ୍ତେ ତ ପାପ କରିଅଛନ୍ତି, ପୁଣି, ଈଶ୍ୱରଙ୍କ ଗୌରବରହିତ [ଈଶ୍ୱରଙ୍କ ଗୌରବମୟ ସ୍ତରରୁ ଊଣା ପଡ଼ିଛନ୍ତି] ହୋଇଅଛନ୍ତି ।"[2]

ଉପରୋକ୍ତ ପଦଗୁଡ଼ିକ ସମସ୍ତ ମନୁଷ୍ୟ ବିଷୟରେ କିଛି ତଥ୍ୟ ଉଲ୍ଲେଖ କରେ । ସେସବୁ କହେ, ଆମେ ସମସ୍ତେ

- ନିରୁପାୟ
- ଅଧାର୍ମିକ
- ପାପୀ ଯେଉଁମାନେ ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି
- ଈଶ୍ୱରଙ୍କ ଶତ୍ରୁ (ଆମର ପାପପୂର୍ଣ୍ଣ ସ୍ୱଭାବ ହେତୁ)
- ଯଦି ତାହାଙ୍କ ପୁତ୍ରଙ୍କ ଉପରେ ବିଶ୍ୱାସ ନ କରୁ, ତେବେ ଆମେ ଈଶ୍ୱରଙ୍କ କ୍ରୋଧର ସାମ୍ନା କରିବା

ଉପରୋକ୍ତ ଶାସ୍ତ୍ରଗୁଡ଼ିକ ଏହା ମଧ୍ୟ କୁହନ୍ତି

- ଖ୍ରୀଷ୍ଟ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ (ଆମ ସମସ୍ତଙ୍କ ପାଇଁ)
- କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି
- ଆମ୍ଭେମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହୋଇଅଛୁ (ଧାର୍ମିକ କରାଯାଇଛୁ, ସମ୍ପୂର୍ଣ୍ଣ ପରିଷ୍କାର କରାଯାଇଛୁ)
- ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଆଗାମୀ କ୍ରୋଧରୁ ରକ୍ଷା ପାଇଅଛୁ
- ଆମ୍ଭେମାନେ ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ଈଶ୍ୱରଙ୍କ ସହିତ ସମ୍ମିଳିତ (ଈଶ୍ୱରଙ୍କ କୃପା ପ୍ରାପ୍ତ କରିଛୁ) ହୋଇଛୁ
- ଆମ୍ଭେମାନେ ଖ୍ରୀଷ୍ଟଙ୍କ ଜୀବନ ଦ୍ୱାରା ପରିତ୍ରାଣ ପ୍ରାପ୍ତ କରିବା

ଅଧିକ ସ୍ପଷ୍ଟତା ପାଇବାକୁ ଆସନ୍ତୁ ଆଗକୁ ପଢ଼ିବା :

"ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର [ଶୁଭ ଖବର] ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛ, ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉଅଛି; ଯଦି ତୁମ୍ଭେମାନେ ତାହା ଦୃଢ଼ ଭାବରେ ଧରିଥାଅ, ତେବେ ତାହା ଦ୍ୱାରା ପରିତ୍ରାଣ ପାଉଅଛ, ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି, ସେଥିମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା, ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧିପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।"[3]

ସୁସମାଚାରର ଅର୍ଥ ହେଉଛି ଶୁଭ ଖବର । ଉପରୋକ୍ତ ଶାସ୍ତ୍ରାଂଶ ଅନୁଯାୟୀ ଶୁଭ ଖବର କ'ଣ?

- ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ
- ଖ୍ରୀଷ୍ଟ ସମାଧିପ୍ରାପ୍ତ ହେଲେ
- ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ (ଜୀବନକୁ ଫେରି ଆସିଲେ)

ସେମାନେ ଏହା ମଧ୍ୟ କହନ୍ତି ଯେ ଆମକୁ

- ଏହି ସୁସମାଚାର ଗ୍ରହଣ କରିବା ଏବଂ ବିଶ୍ୱାସ କରିବା ଦରକାର
- ଆମକୁ ଏହି ସୁସମାଚାରରେ ସ୍ଥିର ରହି ଏହାକୁ ଦୃଢ଼ ଭାବରେ ଧରି ରଖିବା ଆବଶ୍ୟକ
- ଆମ୍ଭେମାନେ ଏହି ସୁସମାଚାର ମାଧ୍ୟମରେ ପରିତ୍ରାଣ ପାଇଛୁ